ମୁଖ୍ୟ ଖବର

About Us | Feedback | Guestbook | Contact Us

Wednesday,21 Dec 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ଏନ୍‌ଆଇଏସ୍ ସ୍ଥାନାନ୍ତରୀକରଣ ନେଇ ସଂସଦ ହୁଲସ୍ଥୁଲ ଓ ଅଚଳାବସ୍ଥା

ଲୋକସଭା ମୁଲତବୀ, ରାଜ୍ୟସଭାରେ କକ୍ଷତ୍ୟାଗ -- ନୂଆଦିଲ୍ଲୀ (ନି.ପ୍ର)- ରାଷ୍ଟ୍ରୀୟ ବିଜ୍ଞାନ ପ୍ରତିଷ୍ଠାନର ସ୍ଥାନାନ୍ତରୀକରଣ ପ୍ରତିବାଦରେ ଆଜି ସଂସଦର ଉଭୟ ଗୃହରେ ହଟ୍ଟଗୋଳ, ହୁଲସ୍ଥୁଲ ଓ ଅଚଳାବସ୍ଥା ସୃଷ୍ଟି ହୋଇ ଥିବା ଜଣାଯାଇଛି । ଲୋକସଭାକୁ ପାଖାପାଖି ୨୦ ମିନିଟ କାଳ ମୁଲତବୀ କରିବାକୁ ପଡିଥିବାବେଳେ ରାଜ୍ୟସଭାରେ ପ୍ରବଳ ପାଟିତୁଣ୍ଡ, ହୋ-ହଲ୍ଲା ଓ ସ୍ଲୋଗାନ ମଧ୍ୟରେ ଏନ୍‌ଡିରେ ସାଂସଦମାନେ କକ୍ଷତ୍ୟାଗ କରି ଥିବା ଦେଖାଯାଇଥିଲା । ଉଭୟ ଗୃହରେ ରାଜ୍ୟର ଉତ୍‌କ୍ଷିପ୍ତ ସାଂସଦମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ସରକାରଙ୍କ ପକ୍ଷରୁ ମାମଲା ବିଚାର କରାଯିବା ଲାଗି ପ୍ରତିଶ୍ରୁତି ଦିଆଯାଇଥିବା ଜଣାଯାଇଥିଲା । ଲୋକସଭାରେ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉତ୍ତର ଦେବାକୁ ଯାଇ ଗୃହର ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଭୁବନେଶ୍ୱରଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି କୌଣସି ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବାର ନିଷ୍ପତ୍ତି କେବେ ନିଆଯାଇ ନଥିଲା ବୋଲି ତାଙ୍କର ଲିଖିତ ବୟାନରେ ଦର୍ଶାଇଥିବାବେଳେ ଏ ନେଇ ବିରୋଧୀ ଦଳର ସାଂସଦମାନଙ୍କର ପ୍ରବଳ ଅସନ୍ତୋଷ ଓ ଅବଶୋଷ ପ୍ରକାଶ ଯୋଗୁଁ ନିଜର ସ୍ଥିତିକୁ ସାମାନ୍ୟ ନରମ କରି ଓଡିଶା ଭଳି ଅନୁନ୍ନତ ରାଜ୍ୟର ଏଭଳି ନ୍ୟାଯ୍ୟ ଦାବି ପ୍ରତି ଉଚିତ ବିଚାର କରାଯିବା ଆବଶ୍ୟକ ବୋଲି କହିବାକୁ ଏକପ୍ରକାର ବାଧ୍ୟ ହୋଇଥିବା ଜଣାଯାଇଥିଲା । ରାଜ୍ୟର ସାଂସଦମାନଙ୍କର ମନୋଭାବ ସଂପର୍କରେ ମୁଁ ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟିଆକର୍ଷଣ କରିବି ଓ ରାଜ୍ୟର ଦାବି ପୂରଣ ଦିଗରେ ଧ୍ୟାନ ଦିଆଯିବ ବୋଲି ଶ୍ରୀ ମୁଖାର୍ଜୀ କହିଥିବା ଜଣାଯାଇଥିଲା । ସେହିପରି ରାଜ୍ୟସଭାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁରେଶ ପାଚୌରି ମଧ୍ୟ ଏ ସମସ୍ୟା ସଂକ୍ରାନ୍ତରେ ସେ ବିଭାଗୀୟ ମନ୍ତ୍ରାଳୟର ଦୃଷ୍ଟିଆକର୍ଷଣ କରିବେ ଓ ରାଜ୍ୟ ତଥା ସାଂସଦମାନଙ୍କର ଦାବିକୁ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଦେଖାଯାଇଥିଲା । ଆଜି ଦିନ ୨ଟାବେଳେ ଭୋଜନ ବିରତି ପରେ ଲୋକସଭାର କାର୍ଯ୍ୟାବଳୀ ଆରମ୍ଭ ହେବାମାତ୍ରେ ରାଜ୍ୟର ବିଜେଡି ଓ ବିଜେପିର ସାଂସଦମାନେ ସେମାନଙ୍କ ସ୍ଥାନଗୁଡିକରେ ଛିଡା ହୋଇ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଗୃହର ନେତା ଶ୍ରୀ ମୁଖାର୍ଜୀଙ୍କଠାରୁ ବୟାନ ଦାବି କରିଥିଲେ । ଉତ୍ତରରେ ଶ୍ରୀ ମୁଖାର୍ଜୀ ପୂର୍ବରୁ ପ୍ରସ୍ତୁତ ଏକ ଲିଖିତ ବୟାନ ପାଠ କରିବାକୁ ଆରମ୍ଭ କରିଥିଲେ । ଏହି ବୟାନ ଅନୁଯାୟୀ ୨୦୦୩ ମସିହା ଏପ୍ରିଲ ୯ ତାରିଖରେ ୟୁଜିସି ଆହ୍ଲାବାଦ, ଭୁବନେଶ୍ୱର, ଚେନ୍ନାଇ ଓ ପୁଣେଠାରେ ଚାରିଟି ସେଣ୍ଟର ଫର୍ ଷ୍ଟଡିଜ ଇନ୍ ଇଣ୍ଟିଗ୍ରେଟେଡ ସାଇନ୍‌ସେସ ବା ସମନ୍ୱିତ ବିଜ୍ଞାନ ପାଠ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିଲା । ୟୁଜିସିର ଏହିଭଳି ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଆଇନତଃ ଅଧିକାର ନଥିବାରୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ୨୦୦୩ ମସିହା ଜୁନ ୯ ତାରିଖରେ ଏ ନେଇ ୟୁଜିସିକୁ ପ୍ରଶ୍ନ କରାଯାଇଥିଲା । ଏହାପରେ ଏ ସଂପର୍କରେ କେନ୍ଦ୍ର ଆଇନ ମନ୍ତ୍ରାଳୟ ସହିତ ଯୋଗାଯୋଗ କରାଯିବାରୁ ମନ୍ତ୍ରାଳୟ ତରଫରୁ ୨୦୦୩ ମସିହା ଅକ୍‌ଟୋବର ୨୮ ତାରିଖରେ ୟୁଜିସି ଏଭଳି କେନ୍ଦ୍ର ପ୍ରତିଷ୍ଠା କରିପାରିବ ନାହିଁ ବୋଲି ମତାମତ ଦିଆଗଲା । ଏହାଫଳରେ ୟୁଜିସିର ପ୍ରସ୍ତାବ ପ୍ରଣୟନ ହୋଇପାରିନଥିଲା । ଏହାପରେ ୟୁଜିସିର ଅଧ୍ୟକ୍ଷ ୨୦୦୩ ମସିହା ନଭେମ୍ବର ୨୬ ତାରିଖରେ ସରକାରକୁ ଦାଖଲ କରିଥିବା ଆଉ ଏକ ପରିବର୍ତ୍ତିତ ପ୍ରସ୍ତାବରେ ବର୍ତ୍ତମାନର କେତେକ ବିଶ୍ୱବିଦ୍ୟାଳୟ ଅଧୀନରେ ସଂପୂର୍ଣ୍ଣ ସ୍ୱୟଂଶାସିତ ସଂସ୍ଥାଭାବରେ ଏହି ପ୍ରତିଷ୍ଠାନଗୁଡିକର ପ୍ରତିଷ୍ଠା ପାଇଁ ୟୁଜିସି ସୁବିଧା ସୁଯୋଗ ଯୋଗାଇ ଦେବାକୁ ଚାହୁଁଥିବା ଉଲ୍ଲେଖ କରିଥିଲେ । କେନ୍ଦ୍ର ସରକାର ଏ ପ୍ରସ୍ତାବଟି ଉପରେ ମଧ୍ୟ ରାଜି ହୋଇନଥିବା ଶ୍ରୀ ମୁଖାର୍ଜୀ ଉଲ୍ଲେଖ କରିଥିଲେ । ପରବର୍ତ୍ତୀ କାଳରେ ୨୦୦୫ ମସିହା ମାର୍ଚ୍ଚ ୪ ତାରିଖରେ ପ୍ରଫେସର ସି.ଏନ.ଆର.ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କର ବୈଜ୍ଞାନିକ ପରାମର୍ଶଦାତା ପରିଷଦର ବୈଠକରେ

ପୁଣେ ଓ କଲକାତାଠାରେ ଦୁଇଟି ନୂଆ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ସୁପାରିଶ କରାଯାଇଥିବା ଶ୍ରୀ ମୁଖାର୍ଜୀ ପ୍ରକାଶ କରିଥିଲେ । ଏହି ସୁପାରିଶକୁ ଆଧାର କରି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପୁଣେ ଓ କଲକାତାଠାରେ ଏହି ଦୁଇଟି ସଂସ୍ଥାନର ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଯେହେତୁ ଭୁବନେଶ୍ୱରଠାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କସ୍ମିନକାଳେ ଏଭଳି ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବା ନେଇ କୌଣସି ନିଷ୍ପତ୍ତି କେବେ ନିଆଯାଇନଥିଲା । ଏଣୁ ଏହାକୁ କଲକାତାକୁ ଉଠାଇ ନିଆଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଶ୍ରୀ ମୁଖାର୍ଜୀ ତାଙ୍କର ବୟାନରେ ସ୍ପଷ୍ଟ କରିଦେଇଥିଲେ । ଏ ଦୃଷ୍ଟିରୁ ଏହାକୁ କଲକାତାକୁ ସ୍ଥାନାନ୍ତର କରି ଦିଆଯାଇଛି ବୋଲି କୁହାଯାଇ ପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ । ମନ୍ତ୍ରୀ ଉତ୍ତର ଶେଷ କରିବା ସଂଗେ ସଂଗେ ରାଜ୍ୟର ବିରୋଧୀ ପକ୍ଷର ସାଂସଦମାନେ ନିଜ ନିଜ ଆସନରୁ ଛିଡ଼ା ହୋଇ ଏ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ଓ ଜୋର୍‌ସୋରରେ ପାଟିତୁଣ୍ଡ କରୁଥିବା ଦେଖାଯାଇଥିଲା । ମନ୍ତ୍ରୀ ଗୃହକୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ । ମୁଖ୍ୟତଃ ବ୍ରଜକିଶୋର ତ୍ରିପାଠୀ, ଜୁଏଲ ଓରାମ, ତଥାଗତ ଶତପଥୀ, ଖାରବେଳ ସ୍ୱାଇଁ, ଅର୍ଚ୍ଚନା ନାଏକ, ଧର୍ମେନ୍ଦ୍ର ପ୍ରଧାନ, ଅନନ୍ତ ନାୟକ ଓ ସୁଗ୍ରୀବ ସିଂହ ପ୍ରମୁଖ ଶ୍ରୀ ମୁଖାର୍ଜୀଙ୍କର ଉତ୍ତରର ଜୋର୍‌ଦାର ବିରୋଧ ପ୍ରଦର୍ଶନ କରିଥିଲେ । ମନ୍ତ୍ରୀ ତଥ୍ୟକୁ ବିକୃତ କରୁଛନ୍ତି । ଏହି ପ୍ରତିଷ୍ଠାନ ପାଇଁ ରାଜ୍ୟ ସରକାର ୭୫ ଏକର ଜମି ଉପଲବ୍ଧ କରାଇ ସାରିଥିଲେ । ଏହାର ଶୁଭ ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓଡ଼ିଶା ଯିବାର ଥିଲା । ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମ ୟୁଜିସିର ସାଧାରଣ ପରିଷଦ ବୈଠକରେ ଏହି ମର୍ମରେ ପରାମର୍ଶ ଦେବା ପରେ ୟୁଜିସି ଭୁବନେଶ୍ୱର ସମେତ ଦେଶର ଚାରିଟି ସ୍ଥାନରେ ଏହି ସଂସ୍ଥାନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲା । ଏ ସଂକ୍ରାନ୍ତରେ ବିଧିବଦ୍ଧ ଆନୁଷ୍ଠାନିକ ପତ୍ର ମଧ୍ୟ ୟୁଜିସି ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟକୁ ଯାଇଥିଲା ବୋଲି ଏହି ସାଂସଦମାନେ ସୂଚାଇ ଏବେ କିଭଳି ମନ୍ତ୍ରୀ, କେନ୍ଦ୍ରସରକାର ଏହି ପ୍ରତିଷ୍ଠାନର ପ୍ରତିଷ୍ଠା ନେଇ କିଛି ନିଷ୍ପତ୍ତି ନେଇନଥିବାର କହୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। କ୍ଷୁବ୍ଧ ସାଂସଦମାନେ ଏହା ପରେ ଗୃହର ମଧ୍ୟସ୍ଥଳକୁ ଯାଇ ସେଠାରେ ଧାରଣାରେ ବସିବା ସଂଗେ ସଂଗେ ରାଜ୍ୟ ପ୍ରତି ବୈମାତୃକ ମନୋଭାବ ପୋଷଣ ବିରୋଧରେ ନାନା ପ୍ରକାର ସ୍ଲୋଗାନ ଦେଇଥିଲେ । ଏହି ସମୟରେ ଗୃହରେ ଅଧ୍ୟକ୍ଷତା କରୁଥିବା ଭଟ୍ଟକଲ ରାଧାକୃଷ୍ଣନ ପରିସ୍ଥିତି ଅଣାୟତ୍ତ ହେଉଥିବା ଲକ୍ଷ୍ୟକରି ଗୃହକୁ ମୁଲତବୀ ଘୋଷଣା କରି ଚାଲିଯାଇଥିଲେ । ପ୍ରାୟ ୨୦ ମିନିଟ୍ ପରେ ଅଢ଼େଇଟା ବେଳେ ପୁଣି ଗୃହର କାର୍ଯ୍ୟାବଳୀ ଆରମ୍ଭ ହେବାମାତ୍ରେ ବ୍ରଜକିଶୋର ତ୍ରିପାଠୀ ତାଙ୍କ ଆସନରୁ ଛିଡ଼ାହୋଇ ଓଡ଼ିଶା ପ୍ରତି ଘୋର ଅନ୍ୟାୟ ପ୍ରଦର୍ଶନ କରାଯାଇ ଥିବା ଆକ୍ଷେପ କରିଥିଲେ । ଏହି ସମୟରେ ପ୍ରଣବ ମୁଖାର୍ଜୀ ପୁଣି ତାଙ୍କ ଆସନରୁ ଛିଡ଼ାହୋଇ ରାଜ୍ୟର ଦାବିକୁ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ କେବେ ସୁଦ୍ଧା ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବେ ତା'ର ସମୟ ସୀମା ମନ୍ତ୍ରୀ ଘୋଷଣା କରନ୍ତୁ, ଅନ୍ୟଥା ପରିସ୍ଥିତି ଭୟାବହ ହେବ ବୋଲି ରାଜ୍ୟର ସାଂସଦମାନେ ଧମକ ଦେଉଥିବାବେଳେ ଶ୍ରୀ ମୁଖାର୍ଜୀ ପ୍ରଧାନମନ୍ତ୍ରୀଙ୍କୁ ସବୁକଥା ଜଣାଇବେ ବୋଲି କହି ସିଧାସଳଖ ଉତ୍ତରକୁ ଏଡାଇ ଦେଇଥିବା ଜଣାଯାଇଥିଲା । ରାଜ୍ୟସଭାର ଆଜି ଶୂନ୍ୟକାଳରେ ଏନ୍‌ଆଇଏସ୍‌ର ସ୍ଥାନାନ୍ତରୀକରଣ ପ୍ରସଙ୍ଗ ବିଜେଡ଼ିର ରାଜ୍ୟସଭା ନେତା ବୈଜୟନ୍ତ ପଣ୍ଡା ଓ ବିଜେପି ସାଂସଦ ରୁଦ୍ର ନାରାୟଣ ପାଣି ଉଦ୍‌ଥାପନ କରିଥିଲେ । ଶ୍ରୀ ପଣ୍ଡା ତାଙ୍କର ଭାଷଣରେ ସେ କଲକାତାଠାରେ ଏଭଳି ଏକ ନୂଆ ସଂସ୍ଥାନ ପ୍ରତିଷ୍ଠାକୁ ବିରୋଧ କରୁନଥିବାବେଳେ ଓଡ଼ିଶାରୁ ଏହାକୁ ଉଠାଇନେବାର ଦୃଢ଼ ପ୍ରତିବାଦ ଜଣାଇଛନ୍ତି ବୋଲି ସୂଚନା ଦେଇଥିଲେ । ଓଡ଼ିଶାଭଳି ଏକ ଗରିବ ଓ ପଛୁଆ ରାଜ୍ୟରେ ଏହି ପ୍ରତିଷ୍ଠାନ ଜାରି ରଖାଯିବାକୁ ସେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ଯୋଜନା କମିଶନ ଏହି ୪ଟି ପ୍ରତିଷ୍ଠାନ ବାବଦରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିସାରିଥିବା ଓ ଓଡ଼ିଶା ସରକାର ୭୫ ଏକର ଜମି ଚିହ୍ନଟ କରିଥିବାବେଳେ ଏହାର ସ୍ଥାନାନ୍ତରୀକରଣର ଯୁକ୍ତଯୁକ୍ତତା ଉପରେ ଶ୍ରୀ ପଣ୍ଡା ପ୍ରଶ୍ନ ଉଠାଇଥିଲେ । ବାମପନ୍ଥୀ ଦଳଗୁଡ଼ିକର ଚାପରେ ଓଡ଼ିଶାରୁ ଏନ୍‌ଆଇଏସ୍‌କୁ ଅପହରଣ କରିନେବା ଓ ଏଆଇଏମ୍‌ଏସ୍ ପ୍ରତିଷ୍ଠାରେ ବିଳମ୍ବ କରାଯିବା ଓଡ଼ିଶାବାସୀଙ୍କର କଟାଘା'ରେ ଲୁଣ ମରାଯିବା ସଦୃଶ ହୋଇଥିବା ଶ୍ରୀ ପଣ୍ଡା ସୂଚଇଥିଲେ । ଶ୍ରୀ ପଣ୍ଡାଙ୍କର ଦାବିକୁ ସମର୍ଥନ କରି ରାଜ୍ୟ ସଭାରେ ବିଜେପିର ଉପନେତା ସୁଷମା ସ୍ୱରାଜ ୟୁପିଏ ସରକାର, ଏନ୍‌ଡ଼ିଏ ଶାସନ ଅମଳରେ ଆରମ୍ଭ

କରାଯାଇଥିବା ସମସ୍ତ ଲୋକହିତକର କାର୍ଯ୍ୟକୁ ବଳି ଚଢ଼ାଇ ଚାଲିଛନ୍ତି ବୋଲି ଅଭିଯୋଗ କରିଥିଲେ । ଓଡ଼ିଶାରେ ଏନ୍‌ଡ଼ିଏ ସରକାର ଚାଲିଥିବାରୁ କେନ୍ଦ୍ର ରାଜ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଶ୍ରୀ ସ୍ୱରାଜ ସୂଚାଇଥିଲେ । ପୂର୍ବତନ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ମୁରଲୀ ମନୋହର ଜୋଷୀ ତାଙ୍କର ବକ୍ତବ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗର ପଡ଼ୋଶୀ ରାଜ୍ୟ ହୋଇଥିବାରୁ ଏନ୍‌ଆଇଏସ୍‌ର ସ୍ଥାନାନ୍ତରୀକରଣ ଉଭୟ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ତଥା ରାଜନୈତିକ ଓ ଅର୍ଥନୈତିକ ବାତାବରଣକୁ କଳୁଷିତ କରିପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ । ଏପରିକି ସିପିଏମ୍ ପଲିଟି ବ୍ୟୁରୋ ସାଂସଦ ସୀତାରାମ ୟେଚୁରୀ ମଧ୍ୟ ଓଡ଼ିଶାରେ ଏନ୍‌ଆଇଏସ୍ ପ୍ରତିଷ୍ଠାର ସମର୍ଥନ କରିଥିଲେ । ସାଂସଦ ରୁଦ୍ରନାରାୟଣ ପାଣି ୟୁପିଏ ସରକାରଙ୍କର ମନମୋଟା ଓ ମନମୁଖି ଆଚରଣକୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ । ଏନ୍‌ଆଇଏସ୍ ସ୍ଥାନାନ୍ତରୀକରଣ ସଂକ୍ରାନ୍ତରେ ଶ୍ରୀ ପାଣି କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ଦାବିକରିଥିଲେ । ବିଜେପି ସାଂସଦ ଏସ୍‌ଏସ୍ ଆଲୁୱାଲିଆ ଓ କ୍ରିପାଲ ପେରମାନ୍ ମଧ୍ୟ ଏ ସଂକ୍ରାନ୍ତରେ ଉଦ୍‌ବେଗ ପ୍ରକାଶ କରିବା ସଂଗେ ସଂଗେ ରାଜ୍ୟର ସାଂସଦମାନଙ୍କର ଦାବିକୁ ସମର୍ଥନ ଜଣାଇଥିଲେ । ଏହି ସମୟରେ ଗୃହରେ ଉପସ୍ଥିତ ଥିବା କେନ୍ଦ୍ର ସଂସଦୀୟ ରାଜ୍ୟମନ୍ତ୍ରୀ ସୁରେଶ ପାଚୋରୀ ଏହି ସମସ୍ୟା ସଂକ୍ରାନ୍ତରେ ବିଚାର କରି ଦେଖାଯିବ ବୋଲି କହିଥିଲେ । ସ୍ଥାନାନ୍ତରୀକରଣ ବନ୍ଦ କରାଯିବା ସମ୍ପର୍କରେ ମନ୍ତ୍ରୀଙ୍କଠାରୁ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ନ ମିଳିବାରୁ ଏଥିରେ ଅସନ୍ତୁଷ୍ଟ ହୋଇ ଏନ୍‌ଡ଼ିଏର ସାଂସଦମାନେ ବିଭିନ୍ନ ସରକାର ବିରୋଧୀ ସ୍ଲୋଗାନମାନ ଦେଇ କକ୍ଷତ୍ୟାଗ କରି ଚାଲିଯିବା ଦେଖାଯାଇଥିଲା ।



About Us | Contact Us | Feedback | Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)